# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ,ଏରସମା

**ବିଜ୍ଞାପନ ସଂଖ୍ୟା -** ୯୦୩ **ତା-** ୨୪/୦୮/୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ଶିଶୁ ବିକାଶ ପ୍ରକଳ୍ପ,ଏରସମା ରେ ଖାଲି ପଡିଥିବା ଅଙ୍ଗନବାଡି କେନ୍ଦ୍ର ଗୁଡିକ ର ଅଙ୍ଗନବାଡି ସହାୟିକା ପଦବୀ ପୂରଣ ନିମନ୍ତେ ଆବଶ୍ୟକୀୟ ଯୋଗ୍ୟତା ଥିବା ପ୍ରାର୍ଥୀନୀମାନଙ୍କ ଠାରୁ online ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯାଉଅଛି | ଏଣୁ ଇଚ୍ଛୁକ ମହିଳା ପ୍ରାର୍ଥୀନୀ ମାନେ http://engagement-awc.odisha.gov.in ରେ (Public login) ରେ ମାଧ୍ୟମରେ ଆବେଦନ କରିପାରିବେ | ଏହା ବ୍ୟତୀତ ଅଫଲାଇନ ଆବେଦନ କରିଥିବା ପ୍ରାର୍ଥୀ ମାନଙ୍କର Form ଗ୍ରହଣ କରାଯିବନାହିଁ | ଓଡିଶା ସରକାର ଙ୍କ ମହିଳା ଓ ଶିଶୁ ବିକାଶ ପତ୍ର ସଂଖ୍ୟା – 4970/WCD-ICDS-G-MISC-0033-2022/ ତା ୧୫.୦୩.୨୦୨୩ ରିଖ ଅନୁସାରେ ଯୋଗ୍ୟତା ଥିବା ପ୍ରାର୍ଥୀନୀ ମାନେ ସମସ୍ତ ଯୋଗ୍ୟତା ର ପ୍ରମାଣପତ୍ର ନିର୍ଦ୍ଧାରିତ ତାରିଖ ମଧ୍ୟରେ upload କରି ଆବେଦନ କରିପାରିବେ | ନିର୍ଦ୍ଧାରିତ ତାରିଖ ପରେ କରାଯାଇଥିବା ଆବେଦନ ପତ୍ର କିମ୍ବା ଅସମ୍ପୂର୍ଣ୍ଣ ଆବେଦନ ପତ୍ରଗୁଡିକୁ ବିଚାର କୁ ନିଆଯିବନାହିଁ |

ଅଙ୍ଗନବାଡି ସହାୟିକା ପଦବୀ ଖାଲି ଥିବା ଅଙ୍ଗନବାଡି କେନ୍ଦ୍ର ଓ ଆବେଦନ ପ୍ରକ୍ରିୟା ର ସବିଶେଷ ବିବରଣୀ

| କ୍ରମିକ ସଂଖ୍ୟା | ଅଙ୍ଗନୱାଡି କେନ୍ଦ୍ର ର ନାମ | ଗାଁ ର ନାମ | କେନ୍ଦ୍ରଅଞ୍ଚଳ | ଦରଖାସ୍ତ ଆବେଦନ କରିବାର ସମୟ ସୀମା | ମୂଳ ପ୍ରମାଣପତ୍ର ର ଯାଞ୍ଚ ତାରିଖ ଓ ସମୟ | ଆପତି/ଅଭିଯୋଗ ଦାଖଲ କରିବାର ସମୟ ସୀମା |
|---|---|---|---|---|---|---|
| ୦୧ | କଳପଟ | କିଆଭଲୋ ଓ କଳପଟ | କିଆଭଲୋ ଓ କଳପଟ ଗ୍ରାମର ର ପରିବାର ସର୍ଭେ ନଂ -୧ (ସୁରେନ୍ଦ୍ର ଦାସ ) ଙ୍କ ଘର ଠାରୁ ପରିବାର ସର୍ଭେ ନଂ ୨୫୬ (ସୁଦର୍ଶନ ଛାଟୋଇ ) ଙ୍କ ଘର ପର୍ଯ୍ୟନ୍ତ । | ତା.୨୫.୦୮.୨୦୨୬ ରିଖ ଠାରୁ ତା.୦୮.୦୯.୨୦୨୬ ରିଖ ପର୍ଯ୍ୟନ୍ତ । | ତା.୦୯.୦୯.୨୦୨୬ ରିଖ ପୂର୍ବାହ୍ନ– ୧୦.୩୦ ଘଟିକା | ତା.୧୦.୦୯.୨୦୨୬ ରିଖ ଠାରୁ ତା.୧୬.୦୯.୨୦୨୬ ରିଖ ପର୍ଯ୍ୟନ୍ତ। |
| ୦୨ | ବହରାମପୁର | ବହରାମପୁର | ବହରାମପୁର ଗ୍ରାମର ର ପରିବାର ସର୍ଭେ ନଂ -୧ (କର୍ତିକ ସ୍ବାଇଁ) ଙ୍କ ଘର ଠାରୁ ପରିବାର ସର୍ଭେ ନଂ ୧୮୯ (ପୂର୍ଣଚନ୍ଦ୍ର ଦାସ ) ଙ୍କ ଘର ପର୍ଯ୍ୟନ୍ତ । | ତା.୨୫.୦୮.୨୦୨୬ ରିଖ ଠାରୁ ତା.୦୮.୦୯.୨୦୨୬ ରିଖ ପର୍ଯ୍ୟନ୍ତ । | ତା.୦୯.୦୯.୨୦୨୬ ରିଖ ପୂର୍ବାହ୍ନ– ୧୦.୩୦ ଘଟିକା | ତା.୧୦.୦୯.୨୦୨୬ ରିଖ ଠାରୁ ତା.୧୬.୦୯.୨୦୨୬ ରିଖ ପର୍ଯ୍ୟନ୍ତ। |
| ୦୩ | ମଠସାହି | ନୂଆଗାଁ | ନୂଆଗାଁ ଗ୍ରାମର ର ପରିବାର ସର୍ଭେ ନଂ -୧ (ହାରେକୃଷ୍ଣ ପାତ୍ର ) ଙ୍କ ଘର ଠାରୁ ପରିବାର ସର୍ଭେ ନଂ ୨୬୦ (ବିଜୟାନନ୍ଦ ନାୟକ) ଙ୍କ ଘର ପର୍ଯ୍ୟନ୍ତ । | ତା.୨୫.୦୮.୨୦୨୬ ରିଖ ଠାରୁ ତା.୦୮.୦୯.୨୦୨୬ ରିଖ ପର୍ଯ୍ୟନ୍ତ । | ତା ତା.୦୯.୦୯.୨୦୨୬ ରିଖ ପୂର୍ବାହ୍ନ– ୧୦.୩୦ ଘଟିକା | ତା.୧୦.୦୯.୨୦୨୬ ରିଖ ଠାରୁ ତା.୧୬.୦୯.୨୦୨୬ ରିଖ ପର୍ଯ୍ୟନ୍ତ। |
| ୦୪ | କଳାବେଦୀ | ସାହାଡାବେଦୀ | ସାହାଡାବେଦୀ ଗ୍ରାମର ର ପରିବାର ସର୍ଭେ ନଂ -୧ (ସାଗରିକା ମଣ୍ଡଳ) ଙ୍କ ଘର ଠାରୁ ପରିବାର ସର୍ଭେ ନଂ ୯୩ (ମୁକ୍ତିବର ସାହା ) ଙ୍କ ଘର ପର୍ଯ୍ୟନ୍ତ । | ତା.୨୫.୦୮.୨୦୨୬ ରିଖ ଠାରୁ ତା.୦୮.୦୯.୨୦୨୬ ରିଖ ପର୍ଯ୍ୟନ୍ତ । | ତା.୦୯.୦୯.୨୦୨୬ ରିଖ ପୂର୍ବାହ୍ନ– ୧୦.୩୦ ଘଟିକା | ତା.୧୦.୦୯.୨୦୨୬ ରିଖ ଠାରୁ ତା.୧୬.୦୯.୨୦୨୬ ରିଖ ପର୍ଯ୍ୟନ୍ତ। |

**ଆବେଦନ କରିବା ପାଇଁ ଯୋଗ୍ୟତା :-**

୧। ଆବେଦନକାରୀ କେନ୍ଦ୍ର ପରିସର ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ | ଅଙ୍ଗନୱାଡି କର୍ମୀ ଙ୍କର ସର୍ଭେ ତାଲିକା ରେ ତାଙ୍କର ଘର ଅନ୍ତରଭୁକ୍ତ ହୋଇଥିବ |

୨। ଆବେଦନକାରୀଙ୍କର ବୟସ ତା ୦୧.୦୧.୨୦୨୬ ରିଖ ସୁଦ୍ଧା ୧୮ ବର୍ଷ ରୁ କମ କିମ୍ବା ୩୫ ବର୍ଷ ରୁ ଅଧିକ ହୋଇ ନ ଥିବ |

୩। ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା 12th କିମ୍ବା ମାନ୍ୟତା ପ୍ରାପ୍ତ ଅନୁଷ୍ଠାନ ରୁ Deploma ପାସ ହୋଇଥିବା ଆବଶ୍ୟକ ।

୪। ଆବେଦନକାରୀ ଓଡିଆ ଭାଷା ରେ ସପ୍ତମ / ଦଶମ ଶ୍ରେଣୀ ପାସ କରିଥିବେ ଓ ଓଡିଆ ଭାଷା ରେ ଲେଖି ପଢି ଜାଣିଥିବେ ।

୫ | ଦ୍ୱାଦଶ ଶ୍ରେଣୀ (+୨)ପରୀକ୍ଷାରେ ହାସଲ କରିଥିବା ମାର୍କ ଆଧାରରେ ଆବେଦନକାରୀଙ୍କ ମେରିଟ ଲିଷ୍ଟ ପ୍ରସ୍ତୁତ କରାଯିବ |

ଉପରଲିଖିତ ଯୋଗ୍ୟତା ମାନ ଥାଇ ପ୍ରାର୍ଥିନୀ ଯଦି ଅନୁସୂଚିତ ଜାତି ଓ ଜନଜାତି / ବିଧବା /ଅନାଥ / ସ୍ୱାମୀ ପରିତ୍ୟକ୍ତା /ଅସହାୟା / ଅଧିକ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ହୋଇଥିବେ , ତେବେ ସେମାନ କୁ ସରକାର ଙ୍କ ନିୟମ ମୁତାବକ ଅତିରିକ୍ତ ମୂଲ୍ୟାଙ୍କନ ଦିଆଯିବ ।

**ସର୍ତ୍ତାବଳୀ –**

୧। ଅଙ୍ଗନବାଡି ସହାୟିକା ଶିଶୁ ମାନଙ୍କ ନିମନ୍ତେ ଅଙ୍ଗନ୍ୱାଡି କେନ୍ଦ୍ରରେ ଖାଦ୍ୟ ରାନ୍ଧିବା ଓ ତାହାକୁ ପରିବେଷଣ କରିବେ। ସେ ଅଙ୍ଗନବାଡି କର୍ମୀ କୁ ଅଙ୍ଗନବାଡି କେନ୍ଦ୍ର ପରିଚାଳନା ନିମନ୍ତେ ସମସ୍ତ ସାହାଯ୍ୟ ଓ ସହଯୋଗ କରିବେ। ଏଥି ନିମନ୍ତେ ସେ ବର୍ତ୍ତମାନ ମାସିକ ୫୦୦୦/- (ପାଞ୍ଚ ହଜାର)ଟଙ୍କା ମାନଦେୟ ପାଇବେ ।

୨।ଏଥିରେ ଯେଉଁ ନିୟୋଜନ Engagement ଦିଆଯିବ ତାହା ସମ୍ପୂର୍ଣ ଅସ୍ଥାୟୀ । କୌଣସି ସ୍ଥାୟୀ ଦରମା ବ୍ୟବସ୍ଥା ଥାଇ ସରକାରୀ କିମ୍ବା ବେସରକାରୀ କର୍ମୀ ନିଯୁକ୍ତି ପରିସର ଭୁକ୍ତ ନୁହେଁ । ଏହି ନିଯୁକ୍ତି କୁ ଭବିଷ୍ୟତରେ କୌଣସି ସ୍ଥାୟୀ କର୍ମ ନିୟୋଜନ ଦାବି କରିପାରିବେ ନାହିଁ । ଯେ କୌଣସି ସମୟରେ ବିନା ନୋଟିସ ରେ କାର୍ଯ୍ୟରୁ ବହିଷ୍କାର କରାଯାଇ ପାରିବ।

**ପ୍ରାର୍ଥିନୀ ମାନଙ୍କଠାରୁ ପାଇଥିବା ଦରଖାସ୍ତ ଗୁଡିକୁ ଉପରୋକ୍ତ ଦିଆଯାଇଥିବା ତାରିଖ ଓ ସମୟ ରେ ଚୟନ କମିଟି ଦ୍ୱାରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଙ୍କ କାର୍ଯ୍ୟାଳୟରେ ଦିବା ୧୦.୩୦ ଘଟିକା ଠାରୁ ଅପରାହ୍ଣ ୪.୦୦ ଘଟିକା ମଧ୍ୟରେ ଯାଞ୍ଚ କରାଯିବ।** ସମସ୍ତ ଦରଖାସ୍ତ ଗୁଡିକ ମୂଳ ପ୍ରମାଣପତ୍ର ସହିତ ଯାଞ୍ଚ କଲାପରେ ପ୍ରମାଣ ପତ୍ର ଯାଞ୍ଚ କରାଇଥିବା ଆବେଦନକାରୀଙ୍କ ଏକ ତାଲିକା ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର /ସମ୍ପୃକ୍ତ ଗ୍ରାମପଞ୍ଚାୟତ /ପଞ୍ଚାୟତ ସମିତି ଓ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ର ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତି ପାଇଁ ଏକ ଚିଠା ପ୍ରକାଶନ କରାଯିବ । ଉକ୍ତ ପ୍ରାର୍ଥିନୀ ତାଲିକାରେ ଥିବା ପ୍ରାର୍ଥିନୀମାନଙ୍କ ବାସସ୍ଥାନ ,ଶିକ୍ଷାଗତ ଯୋଗ୍ୟତା ,ଜାତିଗତ ଓ ଅନ୍ୟାନ୍ୟ ପ୍ରମାଣ ପତ୍ର ଉପରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ ,ତାହାହେଲେ ଅନଲାଇନ ମାଧ୍ୟମରେ "**http://engagement-awc.odisha.gov.in**" ୱେବସାଇଟ ରେ ଅଭିଯୋଗ କରିପାରିବେ। ଅଫଲାଇନ ମାଧ୍ୟମରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ନିର୍ଦ୍ଧାରିତ ତାରିଖ ମଧ୍ୟରେ ମିଳିଥିବା ଆପତ୍ତି ଅଭିଯୋଗ ଗୁଡିକର ଚୟନ କମିଟି ଦ୍ୱାରା ତଦାରଖ କରାଯିବ ।

**କିପରି ଆବେଦନ କରିବେ :-**

ଆବେଦନକାରୀ online ମାଧ୍ୟମରେ (**http://engagement-awc.odisha.gov.in**) (public login) ମାଧ୍ୟମରେ ଆବଶ୍ୟକୀୟ ଫର୍ମ ପୂରଣ କରି ନିଜର ସମସ୍ତ ପ୍ରମାଣ ପତ୍ର ଗୁଡିକର ଅବିକଳ ନକଲ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ upload କରିବେ ଓ **କେବଳ ଅନଲାଇନ ମାଧ୍ୟମରେ ଅପଲୋଡ(upload ) ହୋଇଥିବା ପ୍ରମାଣପତ୍ର ଗୁଡିକୁ ବିଚାରକୁ ନିଆଯିବ |**

**ଆବେଦନ କାରୀ ନିମ୍ନଲିଖିତ ପ୍ରମାଣପତ୍ର ଗୁଡିକୁ Online ମାଧ୍ୟମରେ ଉପଲୋଡ କରିବେ |**

୧: ଏକଗୋଟି ପାସପୋର୍ଟ ସାଇଜ ଫଟୋଗ୍ରାଫ ଏବଂ ଦସ୍ତଖତ ଅନଲାଇନ ମାଧ୍ୟମରେ ଅପଲୋଡ କରିବେ।
୨: ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାର ପ୍ରମାଣପତ୍ର (ବୟସ ନିମନ୍ତେ) |
୩: ଦ୍ୱାଦଶ ଶ୍ରେଣୀ ( +୨ ) ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣପତ୍ର ।
୪: ତହସିଲଦାରଙ୍କ ଠାରୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର । ବିବାହିତା/ବିଧବା ପ୍ରାର୍ଥିନୀ ହୋଇଥିଲେ ସ୍ୱାମୀଙ୍କ ନାମ ଥାଇ ବାସିନ୍ଦା ପ୍ରମାଣପତ୍ର ଦେବା ଆବଶ୍ୟକ। ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ୫ ବର୍ଷ ମଧ୍ୟର ହୋଇଥିବା ଆବଶ୍ୟକ ।
୫:ହରିଜନ କିମ୍ବା ଆଦିବାସୀ ହୋଇଥିଲେ ତହସିଲଦାରଙ୍କ ଠାରୁ ଜାତି ପ୍ରମାଣପତ୍ର ।
୬: ବିଧବା ହୋଇଥିଲେ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ।

ବିଜ୍ଞାପନ ରେ ଦର୍ଶାଯାଇଥିବା ଧାର୍ଯ୍ୟ ତାରିଖ ରେ ଶିଶୁ ବିକାଶ ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ଦିବା ୧୦.୩୦ ଘଟିକା ରେ ପ୍ରାର୍ଥିନୀ ମାନେ ନିଜ ନିଜ ର ମୂଳ ପ୍ରମାଣପତ୍ର ସହିତ ନିଜେ ଉପସ୍ଥିତ ରହି ଯାଞ୍ଚ କରାଇବେ ।

ଏଥିରେ ଯେଉଁ ନିଯୋଜନ ଦିଆଯିବ ତାହା ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ |କୌଣସି ସ୍ଥାୟୀ ବ୍ୟବସ୍ଥା ଥାଇ ସରକାରୀ କିମ୍ବା ବେସରକାରୀ କର୍ମ ନିଯୁକ୍ତି ପରିସର ଭୁକ୍ତ ନୁହେଁ| ଏହି ନିଯୁକ୍ତି କୁ ଭବିଷ୍ୟତରେ କୌଣସି ସ୍ଥାୟୀ କର୍ମ ନିଯୋଜନ ଦାବି କରିପାରିବେ ନାହିଁ |ଯେ କୌଣସି ସମୟରେ କାର୍ଯ୍ୟରୁ ବହିଷ୍କାର କରାଯାଇପାରିବ|

ପ୍ରକାଶ ଥାଉ କି ନିମ୍ନସ୍ୱାକ୍ଷରକାରୀ ଯେ କୌଣସି ସମୟ ରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞପ୍ତି କୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବେ ନାକଚ କରିପାରିବେ ।

ଶିଶୁ ବିକାଶ ଯୋଜନା ଅଧିକାରୀ
ଏରସମା

ପରିପତ୍ର ସଂଖ୍ୟା- ୮୨୪ ତା- ୨୪/୦୮/୨୧

ଏହାର ଏକକିତା ନକଲ କାର୍ଯ୍ୟାଳୟ ର ନୋଟିସ ବୋର୍ଡ ରେ ଲଟକାଜାରି କରାଗଲା । ସମ୍ପୃକ୍ତ ଅଙ୍ଗନବାଡି କର୍ମୀ /ମହିଳା ପରିଦର୍ଶିକା / ମହିଳା ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ପ୍ରେରଣ କରି ଏହାର ବହୁଳ ପ୍ରଚାର ନିମନ୍ତେ ଜଣାଇଦିଆଗଲା ।

ଶିଶୁ ବିକାଶ ଯୋଜନା ଅଧିକାରୀ
ଏରସମା

ପରିପତ୍ର ସଂଖ୍ୟା- ୮୨୫ ତା- ୨୪/୦୮/୨୧

ଏହାର ଏକକିତା ନକଲ ସମ୍ପୃକ୍ତ ସରପଞ୍ଚ ଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପଞ୍ଚାୟତ ନୋଟିସ ବୋର୍ଡ ରେ ଲଟକାଜାରି କରାଇବାପାଇଁ ଅନୁରୋଧ କରାଗଲା ।

ଶିଶୁ ବିକାଶ ଯୋଜନା ଅଧିକାରୀ
ଏରସମା

ପରିପତ୍ର ସଂଖ୍ୟା - ୯୨୨ ତା- ୨୪/୦୮/୨୨

ଏହାର ଏକକିତା ନକଲ ମଣ୍ଡଳ ଉନ୍ନୟନ ଅଧିକାରୀ, ଏରସମା / ତହସିଲଦାର , ଏରସମା / ସ୍ୱାସ୍ଥ୍ୟ ଅଧିକାରୀ , ଏରସମା / ବ୍ଲକ ଶିକ୍ଷା ଅଧିକାରୀ , ଏରସମା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

Child Development Project Officer
ଶିଶୁ ବିକାଶ ଯୋଜନା ଅଧିକାରୀ
ଏରସମା
Erasama

ପରିପତ୍ର ସଂଖ୍ୟା- ୯୨୩ ତା- ୨୪/୦୮/୨୨

ଏହାର ଏକକିତା ନକଲ ଅଧକ୍ଷ୍ୟ / ଉପାଧକ୍ଷ୍ୟ ପଞ୍ଚାୟତ ସମିତି ଏରସମା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ଯୋଜନା ଅଧିକାରୀ
Child Development Project Officer
ଏରସମା
Erasama

ପରିପତ୍ର ସଂଖ୍ୟା- ୯୨୮ ତା- ୨୪/୦୮/୨୨

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,ଜଗତସିଂହପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା। ।

ଶିଶୁ ବିକାଶ ଯୋଜନା ଅଧିକାରୀ
Child Development Project Officer
ଏରସମା
Erasama